# ମହିଳାଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୯।୬/ଏନ୍‌ଏନ୍‌ଏସ୍: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମାଡ଼ ମାରିବା ଘଟଣାରେ କ୍ୟାପିଟାଲ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କେଦାରପଲ୍ଲୀ ବସ୍ତିର ସନା ନାୟକ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଜମିନ୍ ନାମଞ୍ଜୁର ହୋଇଯିବାରୁ ସନାକୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାଧବୀ ନାୟକ ନାମ୍ନୀ ଜଣେ ମହିଳା କେଦାରପଲ୍ଲୀ ବସ୍ତିରେ ରହୁଛନ୍ତି। କିଛିଦିନ ତଳେ ସନା ଓ ମାଧବୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଗଣ୍ଡଗୋଳର ରାଗ ରଖି ଗତ ୨୪ତାରିଖରେ ସନା ମାଧବୀଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିଥିଲା। ଏହାପରେ ମାଧବୀ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ୫ଦିନ ପରେ ପୁଲିସ ସନାକୁ ଗିରଫ କରିଛି।

ନିତିଦିନ NITIDIN
Tue, Jun 30, 2020
http://odishanewsnitidin.com